# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16th September – 2025**

**News Editor : Itishree Singh Rathaur**

*********************************

## ମୁଖ୍ୟ ସମ୍ବାଦ

- ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରୁ ଆସନ୍ତାକାଲି 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ
- ରାଜ୍ୟରେ ଆସନ୍ତାକାଲି ସେବା ପର୍ବ ଅବସରରେ କରାଯିବ ୭୫ ଲକ୍ଷ ଚାରାରୋପଣ

— ସୁଭଦ୍ରା ଯୋଜନାର ଏକବର୍ଷ ପୂର୍ତ୍ତି ଅବସରରେ ସରକାର ପାଳନ କରିବେ 'ଧନ୍ୟବାଦ ମୋଦୀ ଉତ୍ସବ'

- ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେବ ବିଧାନସଭାର ମୌସୁମୀ ଅଧିବେଶନ

ଏବଂ

- ନୂଆପଡ଼ା ନିର୍ବାଚନମଣ୍ଡଳୀରେ ମତଦାନ କେନ୍ଦ୍ର ସଂଖ୍ୟା ୩୫୮କୁ ବୃଦ୍ଧି

## ସୁସ୍ଥ ନାରୀ ସଶକ୍ତ ପରିବାର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରୁ 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନର ଶୁଭାରମ୍ଭ କରିବେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏହି ଜାତୀୟ ପଦକ୍ଷେପ ସମନ୍ୱିତ ଅଭିଯାନ ଆସନ୍ତାକାଲିଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଚାଲିବ। ଏହି କ୍ରମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପଡିଆରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଉପସ୍ଥିତ ରହିବେ। ଏକ ସମୟରେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ଆୟୋଜିତ ଆଂଚଳିକ କାର୍ଯ୍ୟକ୍ରମକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଶୁଭାରମ୍ଭ କରିବେ। କାର୍ଯ୍ୟକ୍ରମରେ ୫ ହଜାରରୁ ଅଧିକ ମହିଳା ହିତାଧିକାରୀ ଅଂଶଗ୍ରହଣ କରିବେ। ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିକୁ ପ୍ରୋତ୍ସାହିତ କରିବା, ମହିଳା ଏବଂ ବାଳିକାମାନଙ୍କ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ରହିଛି।

## ସେବା ପର୍ବ

କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲିଠାରୁ ସେବା ପର୍ବ ପାଳନ କରାଯିବ। ଅକ୍ଟୋବର ମାସ ୨ ତାରିଖ ପର୍ଯ୍ୟନ୍ତ ପାଳିତ ହେବାକୁ ଥିବା 'ସେବା ପର୍ବ' ସମୟରେ 'ଏକ ପେଡ୍ ମା' କେ ନାମ୍-୨.୦' ର ଅଂଶ ଭାବରେ ଦେଶବ୍ୟାପୀ ଚାରାରୋପଣ ଅଭିଯାନର ଆୟୋଜନ କରାଯାଇଛି। ଏହି କ୍ରମରେ ଆସନ୍ତାକାଲି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ପାଳନ ଅବସରରେ ସାରା ଓଡ଼ିଶାରେ ୭୫ ଲକ୍ଷ ଚାରା ରୋପଣ ନିମନ୍ତେ ବ୍ୟବସ୍ଥା କରାଯାଇଛି ।

ଗତବର୍ଷ ଜୁନ୍ ମାସ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ 'ଏକ୍ ପେଡ୍ ମା' କେ ନାମ୍' ଚାରାରୋପଣ ଅଭିଯାନର ଶୁଭାରମ୍ଭ କରିଥିଲେ। ଅଭିଯାନରେ ଓଡ଼ିଶା ସମେତ ସାରା ଦେଶରେ ଜନସାଧାରଣ, ଶିକ୍ଷାନୁଷ୍ଠାନ, ସରକାରୀ ବିଭାଗ ଏବଂ ସଚେତନ ନାଗରିକ ସମାଜ ସକ୍ରିୟ ଅଂଶଗ୍ରହଣ କରି ୬ କୋଟି ୭୨ ଲକ୍ଷ ଚାରା ରୋପଣ କରିଥିଲେ। ଏହି ଚାରାରୋପଣ ଅଭିଯାନରେ ଓଡ଼ିଶା ସମଗ୍ର ଦେଶରେ ଚତୁର୍ଥ ସ୍ଥାନ ହାସଲ କରିଥିଲା।

ଏହି ଅଭିଯାନରେ ଆସନ୍ତାକାଲି ଭୁବନେଶ୍ୱର ଉପକଣ୍ଠସ୍ଥ ଡେରାସ୍ ଉଦ୍ୟାନ କୃଷି ଫାର୍ମରେ ୧୫ ଶହ ଚାରାରାପଣ କରାଯିବ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ରାଜ୍ୟ ବ୍ୟାପୀ ୨୩ ଲକ୍ଷ ବୃକ୍ଷ ରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

## ଧନ୍ୟବାଦ ମୋଦୀ ଉତ୍ସବ

ସୁଭଦ୍ରା ଯୋଜନାର ୧ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତାକାଲି ଓଡ଼ିଶା ସରକାର 'ଧନ୍ୟବାଦ ମୋଦୀ' ଉତ୍ସବ ପାଳନ କରିବେ।  ଏହି ଅବସରରେ ରାଜ୍ୟବ୍ୟାପୀ ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ସୁଭଦ୍ରା ଯୋଜନାର ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ୩୩୮ଟି ସିଡିପିଓ ୟୁନିଟ୍‌ରେ ଧନ୍ୟବାଦ ମୋଦୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ସୁଭଦ୍ରା ହିତାଧିକାରୀମାନେ ସେମାନଙ୍କ ସଫଳତା କାହାଣୀ ମାଧ୍ୟମରେ ଜୀବନରେ ଆଣିପାରିଥିବା ପରିବର୍ତ୍ତନକୁ ଉପସ୍ଥାପନା କରିବେ।

ଅଙ୍ଗନୱାଡି କେନ୍ଦ୍ର ସ୍ତରରେ ଆସନ୍ତାକାଲିଠାରୁ ପୋଷଣ ମାସ ଆରମ୍ଭ ହେବା ସହ ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ସମ୍ମିଳିତ ଭାବରେ ପାଳନ କରାଯିବ।

## ଡିଏମ୍ଏଫ୍ ବୈଠକ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆଜି ଅନୁଗୁଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ଥିତ ମହାନଦୀ କୋଲ ଫିଲ୍ଡ ଲିମିଟେଡ୍-ଏମ୍ସିଏଲ୍ ପ୍ରକଳ୍ପର ୧୫ତମ ପୁନର୍ବାସ ଏବଂ ପାରିପାର୍ଶ୍ୱିକ ଉନ୍ନୟନ ମାର୍ଗଦର୍ଶନ କମିଟି-ଆରପିଡିଏସି ଏବଂ ଜିଲ୍ଲା ଖଣିଜ ପାଣ୍ଠି-ଡିଏମ୍ଏଫ୍ ଟ୍ରଷ୍ଟବୋର୍ଡର ପୃଥକ୍ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଂଚଳିକ ଜନସମସ୍ୟାକୁ ପ୍ରାଥମିକତା ଦେଇ ଗରିବ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ଉପରେ ବୈଠକରେ ଏମ୍ସିଏଲ୍ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ଜିଲ୍ଲା ଡିଏମ୍ଏଫ୍ ଟ୍ରଷ୍ଟବୋର୍ଡ ବୈଠକରେ ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତାବିକାଶ, ଆନୁଷଙ୍ଗିକ ଭିତ୍ତିଭୂମି, ପରିବେଶ ସୁରକ୍ଷା, ଗମନାଗମନ ଆଦି ବିଷୟରେ ଆଲୋଚନା ହୋଇଥିଲା।

## ସର୍ବଦଳୀୟ ବୈଠକ

ବିଧାନସଭା ମୌସୁମୀ ଅଧିବେଶନ ପୂର୍ବରୁ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ବିଧାନସଭା ସମ୍ମିଳନୀ କକ୍ଷରେ ସର୍ବଦଳୀୟ ବୈଠକ

ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଗୁରୁବାରଠାରୁ ସପ୍ତଦଶ ବିଧାନସଭାର ଚତୁର୍ଥ ତଥା ମୌସୁମୀ ଅଧିବେଶନ ଆରମ୍ଭ ହେବ। ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ସମସ୍ତଙ୍କ ସହଯୋଗ ଓ ସମର୍ଥନ ଲୋଡିଛନ୍ତି। ମୌସୁମୀ ଅଧିବେଶନ ଆସନ୍ତା ଗୁରୁବାରଠାରୁ ଆରମ୍ଭ ହୋଇ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ମୋଟ୍ ୭ଟି କାର୍ଯ୍ୟଦିବସ ରହିଛି।

## ଉପନିର୍ବାଚନ-ନୂଆପଡ଼ା

**ନୂଆପଡ଼ା** ଉପନିର୍ବାଚନକୁ ଦୃଷ୍ଟିରେ ରଖି ଭାରତର ନିର୍ବାଚନ ଆୟୋଗ ଭୋଟର ତାଲିକାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ-ଏସ୍ଏସ୍ଆର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ ମୁତାବକ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆଜି ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ଏସ୍ଏସ୍ଆର କାର୍ଯ୍ୟସୂଚୀ ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ, ୭୧ ନମ୍ବର ନୂଆପଡ଼ା ନିର୍ବାଚନମଣ୍ଡଳୀରେ ମୋଟ ୫୬ଟି ନୂତନ ମତଦାନ କେନ୍ଦ୍ର ସୃଷ୍ଟି କରାଯାଇ ମତଦାନ କେନ୍ଦ୍ର ସଂଖ୍ୟା ୩୦୨ରୁ ୩୫୮କୁ ବୃଦ୍ଧି କରାଯାଇଛି। ଏଥିସହିତ ୫୨ଟି ମତଦାନ କେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇଛି।

ଏହି ପ୍ରକ୍ରିୟା ବାବଦରେ ଭୋଟରମାନେ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ସେମାନଙ୍କର ଦାବି ଓ ଆପତ୍ତି ଦାଖଲ କରିପାରିବେ। ଅକ୍ଟୋବର ୭ ତାରିଖ ସୁଦ୍ଧା ଆପତ୍ତିର ସମାଧାନ କରାଯାଇ ୯ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି।

## ସେବା ପର୍ବ – ଏନର୍ଜି

## V/O-Seba Parba Opening

ସେବା ଏବଂ ସୁଶାସନ ତଥା ଜନସେବା ଓ ସୁଶାସନର ମନ୍ତ୍ର ଦ୍ୱାରା ପରିଚାଳିତ ହୋଇ କେନ୍ଦ୍ର ସରକାର ବିଭିନ୍ନ ଜନକଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଓ ପ୍ରଗତିର ଶାସନ ବ୍ୟବସ୍ଥା ଆଣିବା ପାଇଁ ନିରନ୍ତର ପ୍ରୟାସ କରି ଆସୁଛନ୍ତି। କେନ୍ଦ୍ର ସରକାର ସର୍ବଦା  ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରବା ସହ ବହୁବିଧ ଯୋଜନାମାନ ପ୍ରଣୟନ କରିଆସୁଛନ୍ତି।

ଶୁଣନ୍ତୁ ଏକ ରିପୋର୍ଟ.....

ନୂଆଦିଲ୍ଲୀରେ ଆନ୍ତର୍ଜାତିକ ସୌରଶକ୍ତିର ପ୍ରଥମ ସମାବେଶକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆନ୍ତର୍ଜାତିକ ସୌର ଆଲାଏନ୍ସ ବିଶ୍ୱ ପାଇଁ ଏକ ଆଶାର କିରଣ ଭାବେ ଉଭା ହୋଇଛି ।

ନୂତନ ଭାବେ ବିକଶିତ ହେଉଥିବା ଦେଶ ଏବଂ କ୍ଷୁଦ୍ର ଦ୍ୱୀପ ତଥା ବିକାଶଶୀଳ ରାଜ୍ୟଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେଇ ସ୍ୱଳ୍ପ ମୂଲ୍ୟ ପରିବର୍ତ୍ତନକାରୀ ଶକ୍ତି ସମାଧାନ ମାଧ୍ୟମରେ ସରକାର ଭାରତ ଦ୍ୱାରା ଆରମ୍ଭ କରାଯାଇଥିବା 'ଗୋଟିଏ ସୂର୍ଯ୍ୟ, ଗୋଟିଏ ବିଶ୍ୱ ଗୋଟିଏ ଗ୍ରୀଡ୍' ପ୍ରୟାସରେ ଏକ ବିଶ୍ୱ ସୌର ଗ୍ରୀଡ୍‌ର କଳ୍ପନା କରିପାରିଛି । ଏହା ଦକ୍ଷିଣ ଏସିଆରୁ ଆଫ୍ରିକା ଏବଂ ୟୁରୋପ ପର୍ଯ୍ୟନ୍ତ ବିଭିନ୍ନ ଅଞ୍ଚଳରେ ସୌରଶକ୍ତି ସମ୍ବଳକୁ ସଂଯୋଗ କରିବାର ଲକ୍ଷ୍ୟ ରଖିଛି ।

ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି....

# - V/O -

**V/O-End Music Seba Praba**

# ଜିଏସ୍‌ଟି

ଜି.ଏସ୍.ଟି. ପରିଷଦ ସାଧାରଣ ଜନତାଙ୍କ ଜୀବନକୁ ସହଜ କରିବା ପାଇଁ ଅନେକ କ୍ଷେତ୍ରରେ ଟିକସହାର ହ୍ରାସ କରିଛନ୍ତି ।

ସରକାର ଟ୍ରାକ୍ଟର ଏବଂ ଏହାର ଉପକରଣ ଗୁଡ଼ିକ ଉପରେ ଟିକସ ହ୍ରାସ କରି ଚାଷୀମାନଙ୍କୁ ଆସ୍ୱସ୍ତି ପ୍ରଦାନ କରିଛନ୍ତି । ଟ୍ରାକ୍ଟର, କୃଷି ଯନ୍ତ୍ରପାତି ଏବଂ କମ୍ପୋଷ୍ଟ୍ ମେସିନ୍ ଭଳି କୃଷି ଉପକରଣ ଉପରେ ଜି.ଏସ୍.ଟି. ୧୨ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି, ଯାହା କୃଷି କ୍ଷେତ୍ରରେ ସରକାରଙ୍କର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ବିବେଚିତ ହେଉଛି ।

# ସବ୍ କମିଟି ବୈଠକ

**ପୁରୀ** ଶ୍ରୀମନ୍ଦିର ରତ୍ନଭଣ୍ଡାର ସବ୍‌କମିଟି ବୈଠକ ଆସନ୍ତାକାଲି ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ଶ୍ରୀଜୀଉଙ୍କ ଅଳଙ୍କାର ସ୍ଥାୟୀ ରତ୍ନଭଣ୍ଡାରକୁ ସ୍ଥାନାନ୍ତର ନେଇ ଆଲୋଚନା ହେବ ବୋଲି ଜଣାପଡିଛି। ବୈଠକରେ ପାଟଯୋଶୀ ମହାପାତ୍ର, ଭଣ୍ଡାର ମେକାପ, ଦେଉଳ କରଣ ଯୋଗଦେବେ।

# କର୍ମଶାଳା

**ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଦକ୍ଷିଣାଞ୍ଚଳ ଜୋନ୍‌ସ୍ତରୀୟ ରାଜସ୍ୱ ବିଭାଗର ସମ୍ମିଳନୀ ଓ କର୍ମଶାଳା ଆୟୋଜିତ ହୋଇଯାଇଛି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କାର୍ଯ୍ୟକ୍ରମରେ ଯୋଗଦେଇ

ନିଷ୍ଠା ଓ ସମର୍ପଣ ଭାବ ସହ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଦୁର୍ନୀତି ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ସାଇବର ଅପରାଧ

**ବୌଦ୍ଧ** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଲୁଣିବାହାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାଇବର ଅପରାଧକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଣ୍ଟରନେଟ୍ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା।

## ଖବର ସଂକ୍ଷେପରେ....

**କଟକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଚତୁର୍ଥ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭିନ୍ନ ଯୋଜନାର ବିସ୍ତୃତ ସମୀକ୍ଷା କରାଯାଇଥିଲା।

**କେନ୍ଦ୍ରାପଡ଼ା** ଜିଲ୍ଲା ମହାକାଳପଡା ବ୍ଲକ୍ କାର୍ଯ୍ୟାଳୟଠାରେ ବଜ୍ରପାତ ନେଇ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି।

**ନୟାଗଡ଼** ବ୍ଲକ୍ ବଡ଼ ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ଟାସ୍କଫୋର୍ସ୍‌ର ବୈଠକ ଅନୁଷ୍ଠିତ ହୋଇଯାଇଛି।

**ସମ୍ବଲପୁର** ଜିଲ୍ଲା ପରିଷଦ ସଭା କକ୍ଷଠାରେ ଅନୁଷ୍ଠିତ ନବମ ଜିଲ୍ଲା ପରିଷଦ ବୈଠକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ନେଇ ଆଲୋଚନା ହୋଇଯାଇଛି ।

**ମାଲକାନଗିରି** ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା ।

**ବୌଦ୍ଧ** ଜିଲ୍ଲା ଷ୍ଟାଡିୟମ୍ ପଡିଆ ପରିସରରେ 'ଏକ୍ ପେଡ୍ ମା' କେ ନାମ' କାର୍ଯ୍ୟକ୍ରମରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

## ପାଣିପାଗ-ଗଞ୍ଜାମ

ଲଗାଣ ବର୍ଷା ଯୋଗୁଁ କନ୍ଧମାଳ ଦୁର୍ଗାପ୍ରସାଦ ନିକଟବର୍ତ୍ତୀ କଳିଙ୍ଗାଘାଟିରେ ଭୂସ୍ଖଳନ ହୋଇଛି । ଏହାଦ୍ୱାରା ଯାତାୟତ ପ୍ରଭାବିତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ସମନ୍ୱୟ ବୈଠକ

**ଯାଜପୁର** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ସମ୍ପର୍କିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

**ଦେବଗଡ଼** ଜିଲ୍ଲାପାଳଙ୍କ ବିକାଶଭବନ ସମ୍ମିଳନୀ କକ୍ଷରେ ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।